# ଗଛ ଆମର ବନ୍ଧୁ

ଜ୍ୟେଷ୍ଠମାସ ଶେଷ ହୋଇ ଆସୁଥାଏ । ବର୍ଷାଋତୁ ଆସିବା ଆଗରୁ ପୂର୍ଣ୍ଣାଙ୍ଗ ଶିଶୁ ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷକ ବିଦ୍ୟାଳୟ ହତାରେ ବୃକ୍ଷରୋପଣର ବ୍ୟବସ୍ଥା କଲେ । ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମିଶି ନାନା ଜାତିର ଫୁଲଫଳ ଗଛ ଲଗାଇଲେ ।



ରୋହନ ଘରକୁ ଫେରିଆସି ବିଦ୍ୟାଳୟରେ ବୃକ୍ଷରୋପଣ କଥା ତା ଜେଜେବାପାଙ୍କୁ କହିଲା । ଜେଜେ କହିଲେ, "ଏହାତ ବହୁତ ଭଲକଥା । ବୃକ୍ଷ ଆମ ସମସ୍ତଙ୍କର ବହୁତ ଉପକାରୀ ।"

ରୋହନ କହିଲା, "ହଁ, ହଁ ଜେଜେ, ଗଛ ନ ଥିଲେ ମଣିଷମାନେ ବଞ୍ଚି ପାରନ୍ତେ ନାହିଁ ।"

ଜେଜେ କହିଲେ - "ଖାଲି ମଣିଷ ନୁହେଁ.... ପଶୁ ପକ୍ଷୀ କୀଟପତଙ୍ଗ ସଭିଏଁ ଗଛ ଲତା ଉପରେ ନିର୍ଭର କରନ୍ତି । ଗଛ ଆମକୁ ଛାଇ ଦିଏ । ଗ୍ରୀଷ୍ମ ଋତୁରେ ବାଟୋଇ ଗଛ ଛାଇରେ ବିଶ୍ରାମ ନିଏ । ଗଛରେ ପକ୍ଷୀମାନେ ବସାବାନ୍ଧି ରୁହନ୍ତି । ଗଛ କୋରଡରେ ଜୀବଜନ୍ତୁମାନେ ମଧ୍ୟ ଆଶ୍ରୟ ନିଅନ୍ତି । ଗଛର ଫଳ, ଫୁଲ, ପତ୍ର ଆମେ ଖାଉ । ଫଳ ଖାଇଲେ ସ୍ୱାସ୍ଥ୍ୟ ଭଲ ରୁହେ । ରୋହନ କହିଲା, "ଜେଜେ ଗଛରୁ ଆମେ ଜାଳେଣି କାଠ ପାଉ ।"



ଜେଜେ ମା' ସେଇବାଟେ ଯାଉ ଥିଲେ । ସେଠାରେ ଅଟକିଯାଇ କହିଲେ, "ଖାଲି କ'ଣ ଜାଳେଣି କାଠ ପାଉ..... ଗଛର କାଠରୁ ଝରକା, କବାଟ, ଖଟ, ଚେୟାର, ଟେବୁଲ୍ ଇତ୍ୟାଦି ଗଢାଯାଏ । ବଣ ମୂଲକର ଲୋକେ ଝୁଣା, ଲାଖ ପ୍ରଭୃତି ଗଛରୁ ସଂଗ୍ରହକରି ବିକ୍ରି କରନ୍ତି ।"

ଜେଜେ କହିଲେ, "ଅସଲ କଥାଟା କିନ୍ତୁ ଛାଡିଯାଉଛ । ଆମ ବଞ୍ଚିବା ପାଇଁ ଯାହା ନିହାତି ଦରକାର ତାହା ଆମେ ଗଛରୁ ପାଉ । ତାହା ହେଲା ଅମ୍ଳଜାନ । ଅମ୍ଳଜାନ ନ ଥିଲେ ଏ ଜୀବଜଗତ ରହିବା ଅସମ୍ଭବ । ଆମେ ନିଃଶ୍ୱାସରେ ଛାଡୁଥିବା ଦୂଷିତ ଅଙ୍ଗାରକାମ୍ଳ ବାଷ୍ପ ନେଇ ଗଛ ଆମକୁ ଅମ୍ଳଜାନ ଦିଏ । ଆମେ ପ୍ରାଣୀମାନେ ସେହି ଅମ୍ଳଜାନ ବାୟୁ ପ୍ରଶ୍ୱାସରେ ନେଇ ବଞ୍ଚି ରହୁ ।"



ଜେଜେମା' କହିଲେ, "ସତରେ ଗଛ ଆମର ସବୁଠୁଁ ବଡ ଉପକାରୀ ବନ୍ଧୁ ।

ରୋହନ ଖୁସି ହୋଇ କହିଲା - "ଜେଜେ, ମୁଁ ଏଥର ଆମ ବାଡିରେ ଗଛ ଲଗେଇ ଚାରିଆଡେ ସୁନ୍ଦର କରିଦେବି ।"